# NATIONAL NEWS BULLETIN (ODIA)
## 29 January - 2026
## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ଚଳିତ ଆର୍ଥିକବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ଆଜି ସଂସଦରେ ଉପସ୍ଥାପନ କରିବେ ଅର୍ଥମନ୍ତ୍ରୀ
- ଦେଶର ବିମାନ ଚଳାଚଳ କ୍ଷେତ୍ରରେ ଗତ ଏକଦଶନ୍ଧି ମଧ୍ୟରେ ଐତିହାସିକ ରୂପାନ୍ତରିକରଣ ହୋଇପାରିଛି, କହିଲେ ପ୍ରଧାନମନ୍ତ୍ରୀ
- ଗଣତନ୍ତ୍ର ଦିବସ ସମାରୋହର ଉଦ୍‌ଯାପନୀ ଅବସରରେ ଆଜି ନୂଆଦିଲ୍ଲୀରେ ହେବ ବିଟିଂ ରିଟ୍ରିଟ୍

ଏବଂ

- ବିଶାଖାପଟନମ୍ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଭାରତକୁ ୫୦ ରନ୍‌ରେ ପରାସ୍ତ କଲା ନ୍ୟୁଜିଲ୍ୟାଣ୍ଡ

# ଇକନମିକ୍ ସର୍ଭେ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ଚଳିତ ୨୦୨୫-୨୬ ଆର୍ଥିକବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିବେ ।

ଅର୍ଥନୈତିକ ବ୍ୟାପାର ବିଭାଗର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତାଙ୍କ ତତ୍ତ୍ୱାବଧାନରେ ଅର୍ଥ ମନ୍ତ୍ରଣାଳୟ ଏହି ରିପୋର୍ଟ ପ୍ରସ୍ତୁତ କରିଛି । ଦେଶର ବର୍ତ୍ତମାନର ଅର୍ଥ ବ୍ୟବସ୍ଥା ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ଏହି ସର୍ଭେ ରିପୋର୍ଟରେ ବିସ୍ତୃତ ଭାବେ ସମୀକ୍ଷା କରାଯାଇଥାଏ ।  ଅର୍ଥମନ୍ତ୍ରୀ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଆସନ୍ତା ରବିବାର ଫେବୃୟାରୀ ୧ ତାରିଖ ଦିନ ସଂସଦରେ ଉପସ୍ଥପନ କରିବେ । ସଂସଦର ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଆସନ୍ତା ମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ମାର୍ଚ୍ଚ ୯ରୁ ଏପ୍ରିଲ୍ ୨ ତାରିଖ ପର୍ଯ୍ୟନ୍ତ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହେବ । ଚଳିତ ବଜେଟ୍ ଅଧିବେଶନରେ ମୋଟ୍ ୩୦ଟି ବୈଠକ ହେବ ବୋଲି ଜଣାପଡ଼ିଛି ।

## ପିଏମ୍-ୱିଙ୍ଗ୍ସ ଇଣ୍ଡିଆ

ଦେଶର ବିମାନ ଚଳାଚଳ କ୍ଷେତ୍ରରେ ଗତ ଏକଦଶନ୍ଧି ମଧ୍ୟରେ ଐତିହାସିକ ରୂପାନ୍ତରିକରଣ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ହାଇଦ୍ରାବାଦର ବେଗମ୍‌ପେଟ୍ ବିମାନ ବନ୍ଦରରେ ଗତକାଲିଠାରୁ ଆରମ୍ଭ ହୋଇଥିବା ୱିନ୍‌ସ ଇଣ୍ଡିଆ ୨୦୨୬କୁ ଏକ ଭିଡ଼ିଓ ବାର୍ତ୍ତା ଜରିଆରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଏହି ସମୟ ମଧ୍ୟରେ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଉତ୍ପାଦନଠାରୁ ଆରମ୍ଭ କରି ଦେଶବିଦେଶର ବିଭିନ୍ନ

ସ୍ଥାନକୁ ଉଡ଼ାଣ ସମେତ ଅନ୍ୟାନ୍ୟ ଦିଗରେ ଭାରତ ସଫଳତା ହାସଲ କରିବା ସହିତ ଅନେକ ସୁଯୋଗ ମଧ୍ୟ ସୃଷ୍ଟି କରିପାରିଛି ।

୧୦ ବର୍ଷ ପୂର୍ବେ ବିମାନପଥ ନଥିବା ସ୍ଥାନକୁ ମଧ୍ୟ ଉଡ଼ାନ ଯୋଜନା ମାଧ୍ୟମରେ ପ୍ରାୟ ଦେଢ଼କୋଟି ଯାତ୍ରୀ ଉଡ଼ାନ ଭରିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । ବର୍ତ୍ତମାନ ଭାରତ ବିଶ୍ୱର ତୃତୀୟ ସର୍ବବୃହତ ଘରୋଇ ବେସାମରିକ ବିମାନ ଚଳାଚଳ ବଜାର ରୂପେ ଉଭା ହୋଇଛି । ଏହାଦ୍ୱାରା ଏହି କ୍ଷେତ୍ରରେ ଦେଶର ଅଭିବୃଦ୍ଧି ପ୍ରତିଫଳିତ ହେଉଛି । ଦେଶରେ ଏକ ସମାବେଶୀ ବେସାମରିକ ବିମାନ ଚଳାଚଳ ସେବା ଉପରେ ଗୁରୁତ୍ୱ ଦେଇ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି

**V/O**

ଏସିଆର ସର୍ବବୃହତ ବେସାମରିକ ବିମାନ ଚଳାଚଳ କାର୍ଯ୍ୟକ୍ରମ ୱିଙ୍ଗିସ୍ ଇଣ୍ଡିଆ ୨୦୨୬ ଗତକାଲିଠାରୁ ଆରମ୍ଭ ହୋଇ ୩୧ ତାରିଖରେ ଶେଷ ହେବ ବୋଲି ଜଣାପଡ଼ିଛି ।

# ବିଟିଂ ରିଟ୍ରିଟ୍

୭୭ତମ ଗଣତନ୍ତ୍ର ଦିବସ ସମାରୋହର ଉଦ୍‌ଯାପନୀ ଅବସରରେ ଆଜି ନୂଆଦିଲ୍ଲୀରେ ବିଟିଂ ରିଟ୍ରିଟ୍ ଅନୁଷ୍ଠିତ ହେବ । ବିଜୟଚୌକ୍‌ଠାରେ

ହେବାକୁଥିବା ଏହି ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ଓ ମାନଣଗନ୍ୟ ବ୍ୟକ୍ତି ଯୋଗଦେବେ । ଏ ସଂପର୍କରେ ଆମର ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ, ସେନାର ତିନିବାହିନୀ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀ ପକ୍ଷରୁ ୩୦ଟି ମ୍ୟୁଜିକ୍ ବ୍ୟାଣ୍ଡ୍ ପ୍ରଦର୍ଶନ କରାଯିବ । 'କଦମ୍ କଦମ୍ ବଢ଼ାୟ ଯା'ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ "ସାରେ ଯାହାଁସେ ଆଚ୍ଛା"ରେ ଶେଷ ହେବ ।

ଇତିମଧ୍ୟରେ ଗଣତନ୍ତ୍ର ଦିବସ ପ୍ୟାରେଡ୍‌ର ଫଳାଫଳ ଘୋଷଣା କରାଯାଇଛି । ଭାରତୀୟ ନୌବାହିନୀ ସର୍ବଶ୍ରେଷ୍ଠ ମାର୍ଚିଙ୍ଗ କଣ୍ଟିଜେଣ୍ଟ୍ ପୁରସ୍କାର ପାଇଥିବା ବେଳେ କେନ୍ଦ୍ରୀୟ ସଶକ୍ତ ପୋଲିସ୍ ବାହିନୀ ଏବଂ ଅନ୍ୟାନ୍ୟ ବାହିନୀ ମଧ୍ୟରେ ଦିଲ୍ଲୀ ପୋଲିସ୍ ଏହି ପୁରସ୍କାର ବିଜୟୀ ହୋଇଛି ।

ସେହିଭଳି ରାଜ୍ୟ ଓ କେନ୍ଦ୍ରଶାସିତ ବର୍ଗରେ ମହାରାଷ୍ଟ୍ରର ପ୍ରଜ୍ଞାପନ ମେଢ଼ "ଗନେସୋବ- ଆତ୍ମନିର୍ଭରତାର ପ୍ରତୀକ"ପ୍ରଥମ ସ୍ଥାନ ଅକ୍ତିଆର କରିଥିବା ବେଳେ ଜାମ୍ମୁକାଶ୍ମୀର ହସ୍ତକଳା ଓ ଲୋକନୃତ୍ୟ ଲାଗି ଦ୍ୱିତୀୟ ସ୍ଥାନରେ ରହିଛି । କେରଳର ଶତପ୍ରତିଶତ ଡିଜିଟାଲ ସାକ୍ଷରତା-

ଆତ୍ମନିର୍ଭର ଭାରତ ଲାଗି ଆତ୍ମନିର୍ଭର କେରଳ ତୃତୀୟରେ ରହିଥିବା ଜଣାପଡ଼ିଛି ।

## ପିଏମ୍-ଆୟୁଷ

ଦେଶବାସୀଙ୍କୁ ପାରମ୍ପରିକ ଆୟୁର୍ବେଦିକ ଚିକିତ୍ସା ପଦ୍ଧତି ମାଧ୍ୟମରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ପ୍ରାୟ ୧୨ ହଜାର ଆୟୁଷ ସ୍ୱାସ୍ଥ୍ୟ ଓ ଯତ୍ନକେନ୍ଦ୍ର ପ୍ରତିଷ୍ଠା କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଗତକାଲି କେରଳର ଆର୍ଯ୍ୟ ବୈଦ୍ୟଶାଳା ଚାରିଟେବୁଲ୍ ହସ୍ପିଟାଲ୍‌ର ଶତବାର୍ଷିକୀ ସମାରୋହକୁ ଭର୍ଚୁଆଲ ମାଧ୍ୟମରେ ସମ୍ବୋଧନ କରି ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ସରକାର ଆୟୁଷ ରପ୍ତାନୀ ପ୍ରୋତ୍ସାହନ ପରିଷଦ ମାଧ୍ୟମରେ ବିଶ୍ୱସ୍ତରରେ ଭାରତର ପାରମ୍ପରିକ ଚିକିତ୍ସା ପଦ୍ଧତିକୁ ଲୋକାଭିମୁଖୀ କରିବାରେ ସଫଳ ହୋଇଛନ୍ତି । ଭାରତୀୟ ଆୟୁଷ ଉତ୍ପାଦର ରପ୍ତାନୀ ପରିମାଣ ୨୦୧୪ ମସିହାରେ ୩ ହଜାର କୋଟି ଥିବା ବେଳେ ବର୍ତ୍ତମାନ ଏହା ୬ ହଜାର ୫୦୦ କୋଟିକୁ ବୃଦ୍ଧି ପାଇଛି । **V/O**

ସେହିଭଳି ଭାରତ-ୟୁରୋପୀୟ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ଏକ ଐତିହାସିକ ପଦକ୍ଷେପ ଭାବେ ଅଭିହିତ କରି ଶ୍ରୀ ମୋଦୀ କହିଛନ୍ତି, ଏହାଦ୍ୱାରା ଭାରତୀୟ ପାରମ୍ପରିକ ସ୍ୱାସ୍ଥ୍ୟସେବାକୁ ଅଧିକ ପ୍ରୋତ୍ସାହିତ କରାଯାଇ ପାରିବ । ଆୟୁର୍ବେଦ ଓ ଯୋଗ ସହ ସଂପୃକ୍ତ ଯୁବବର୍ଗ, ଡାକ୍ତର

ତଥା ଅନ୍ୟମାନେ ବିଶ୍ୱସ୍ତରରେ ଏହାକୁ ଲୋକାଭିମୁଖୀ କରିବା ଦିଗରେ ସୁଯୋଗ ପାଇପାରିବେ ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ପ୍ରଗତି-ସ୍ପେଶାଲ ଷ୍ଟୋରୀ

ଦେଶରେ ସ୍ୱଚ୍ଛ ପ୍ରଶାସନ ଏବଂ ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ପଦକ୍ଷେପ 'ପ୍ରଗତି' ଏହାର ୫୦ତମ ବୈଠକ ସଫଳ ପରିଚାଳନା ସହିତ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ୨୦୧୫ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀ ସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଏବଂ ଜନସାଧାରଣଙ୍କ ଅଭିଯୋଗର ସମୟୋପଯୋଗୀ ସମାଧାନକୁ ଏହା ସଫଳ କରିପାରିଛି । ପ୍ରଗତୀର ବିଶେଷ ସିରିଜ୍‌ରେ ଆଜି ଆସନ୍ତୁ ଜାଣିବା ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା ଅଧୀନରେ ମହାରାଷ୍ଟ୍ରରେ କାର୍ଯ୍ୟକାରୀ ହେଉଥିବା ବେମ୍ବଲା ଜଳସେଚନ ପ୍ରକଳ୍ପ ସଂପର୍କରେ ।

ବିଦର୍ଭ ଅଞ୍ଚଳରେ କୃଷିକ୍ଷେତ୍ରକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ୨୦୦୭ ଏପ୍ରିଲ୍ ୨ ତାରିଖରେ ୨ହଜାର ୬୮୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ଯୋଜନା ମଂଜୁର ହୋଇଥିଲା । ଚାଷୀମାନଙ୍କର ଜୀବନଶୈଳୀରେ ଉନ୍ନତି ଆଣିବା ତଥା ସଂପୃକ୍ତ କ୍ଷେତ୍ରରେ ଆଞ୍ଚଳିକ ଜଳ ସୁରକ୍ଷା ଉପରେ ପ୍ରାଧାନ୍ୟ ଦେଇ ଏହି ପ୍ରକଳ୍ପର ଅଗ୍ରଗତି ସଂପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୩ ଅକ୍ଟୋବର ୨୫ ତାରିଖରେ

ସମୀକ୍ଷା କରିଥିଲେ । ଯେଉଁସବୁ କାରଣ ଲାଗି ଏହି ପ୍ରକଳ୍ପଟି କାର୍ଯ୍ୟକାରୀ ହୋଇପାରିନଥିଲା, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ ସବୁ ପ୍ରତିବନ୍ଧକ ଦୂର କରି ତୁରନ୍ତ କାର୍ଯ୍ୟକ୍ଷମ କରିବା ଲାଗି ପ୍ରଧାନମନ୍ତ୍ରୀ ସଂପୃକ୍ତ ମନ୍ତ୍ରଣାଳୟ ଏବଂ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ୨୦୨୫ ଜୁନ୍ ୩୦ ତାରିଖରେ ଏହି ପ୍ରକଳ୍ପଟି ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିଲା । ଏହାଦ୍ୱାରା ୟାଭାତମାଲ ଜିଲ୍ଲାର ଚାଷୀମାନଙ୍କର ସାମାଜିକ ଅର୍ଥନୈତିକ ବ୍ୟବସ୍ଥା ତଥା ଜଳସେଚନ ଭିତ୍ତିଭୂମି ଅଧିକ ସଶକ୍ତ ହୋଇପାରିଛି ।

## କ୍ରିକେଟ୍

ବିଶାଖାପଟନମ୍‌ଠାରେ ଗତକାଲି ଅନୁଷ୍ଠିତ ଚତୁର୍ଥ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ନ୍ୟୁଜିଲ୍ୟାଣ୍ଡ ଭାରତକୁ ୫୦ ରନ୍‌ରେ ପରାସ୍ତ କରିଛି । ଏହି ପରାଜୟ ସତ୍ତ୍ୱେ ଭାରତ ବର୍ତ୍ତମାନ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ୩-୧ରେ ଅଗ୍ରଣୀ ରହିଛି । ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ନ୍ୟୁଜିଲ୍ୟାଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୨୧୫ ରନ୍ କରିଥିଲା । ଦଳ ପକ୍ଷରୁ ଟିମ୍ ସିଫର୍ଟ୍ ମାତ୍ର ୩୬ଟି ବଲରୁ ସର୍ବାଧିକ ୬୨ ରନ୍ କରିଥିଲେ । ଭାରତ ପକ୍ଷରୁ ଅର୍ଶଦୀପ ସିଂ ଓ କୁଲଦୀପ ଯାଦବ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ ।

୨୧୬ ରନ୍ ବିଜୟଲକ୍ଷ୍ୟର ପିଛା କରି ଭାରତ ୧୮ ଓଭର୍ ଓ ୪ଟି ବଲ୍‌ରେ ୧୬୫ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଦଳପକ୍ଷରୁ ଶିବମ ଦୁବେ ୨୩ଟି ବଲ୍‌ରୁ ସର୍ବାଧିକ ୬୫ ରନ୍ ସଂଗ୍ରହ କରିଥିଲେ । ନ୍ୟୁଜିଲ୍ୟାଣ୍ଡ ଅଧିନାୟକ ମିଚେଲ୍ ସାଣ୍ଟନର୍ ୩ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ । ଟିମ୍ ସିଫଟ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ସିରିଜ୍‌ର ପଞ୍ଚମ ତଥା ଚୂଡ଼ାନ୍ତ ମ୍ୟାଚ୍ ଆସନ୍ତା ରବିବାର ଦିନ ଥିରୁଅନନ୍ତପୁରମ୍‌ର ଗ୍ରୀନ୍‌ଫିଲ୍‌ଡ ଷ୍ଟାଡିୟମରେ ଖେଳାଯିବ ।

## ଅଷ୍ଟ୍ରେଲିଆନ୍ ଓପନ୍

ଅଷ୍ଟ୍ରେଲିଆ ଓପନ୍ ୨୦୨୬ର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ୍‌ରେ ଆସନ୍ତାକାଲି ଇଟାଲୀର ଜାନିକ୍ ସିନର୍ ୨୪ଥର ଗ୍ରାଣ୍ଡସ୍ଲାମ୍ ବିଜେତା ନୋଭାକ୍ ଜୋକୋଭିକ୍‌ଙ୍କୁ ଭେଟିବେ । ଗତକାଲି ଅନୁଷ୍ଠିତ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ଜାନିକ୍ ଆମେରିକାର ବେନ୍ ସେଲ୍ଟନ୍‌ଙ୍କୁ ୬-୩, ୬-୪, ୬-୪ରେ ପରାସ୍ତ କରିଛନ୍ତି । ସେହିଭଳି ମେଲ୍‌ବୋର୍ଣ୍ଣ ପାର୍କଠାରେ ଅନୁଷ୍ଠିତ ହେବାକୁ ଥିବା ଅନ୍ୟ ଏକ ସେମିଫାଇନାଲ୍‌ରେ ବିଶ୍ୱର ଏକ ନମ୍ବର ଟେନିସ୍ ଖେଳାଳି କାର୍ଲୋସ୍ ଆଲ୍‌କାରାଜ ଓ ତୃତୀୟ ସିଡ୍ ଆଲେକ୍‌ଜାଣ୍ଡାର୍ ଭେରେଭ୍‌ଙ୍କ ମଧ୍ୟରେ ମୁକାବିଲା ହେବ ।